# ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଅକାଦେମିର ମିଳିତ ସହଭାଗିତାରେ ପାଳିତ ହେଲା ମନ୍ମଥନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ



ବାଲେଶ୍ୱର/ନୀଳଗିରି, ୧୫/୦୫ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଅକାଦେମିର ମିଳିତ ଆନୁକୂଲ୍ୟରେ ଜାତୀୟ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଐତିହାସିକ, ସାହିତ୍ୟିକ ଓ ବିଶିଷ୍ଟ ଶିକ୍ଷାବିତ ମନ୍ମଥନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ଉଦଘାଟିତ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ମନ୍ମଥନାଥ ଦାସଙ୍କ ବୋହୂ ରଞ୍ଜିତା ଦାସ ଯୋଗଦେଇ, ଫକୀରମୋହନ ବିଶ୍ୱବିଦ୍ୟାଳୟ ତଥା ସାହିତ୍ୟ ଅକାଦେମିର ମିଳିତ ପ୍ରୟାସକୁ ଧନ୍ୟବାଦ ଜ୍ଞାପନ ସହ ମନ୍ମଥନାଥ ଦାସଙ୍କ ପ୍ରତି ଏହି ସମ୍ମାନନୀୟ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଭାବାବେଗ ସହ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ସଭାମୁଖ୍ୟ ରୂପେ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଡକ୍ଟର ଗୌରହରି ଦାସ ଯୋଗ ଦେଇ ମନ୍ମଥନାଥଙ୍କ ରଚିତ ପୁସ୍ତକ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଐତିହାସିକ ଭାବେ ତାଙ୍କ ଜୀବନୀ, ଦର୍ଶନ ଓ ସାହିତ୍ୟ ସାଧନାର ଉଦାହରଣ ଓ ସ୍ୱ-ଅନୁଭୂତି ଗୁଡ଼ିକୁ ନିଜ ଉଦବୋଧନରେ ଉଲ୍ଲେଖ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ଖାରବେଳ ମହାନ୍ତି ଯୋଗ ଦେଇ ମନ୍ମଥନାଥ ଦାସଙ୍କ ସଂପର୍କିତ ଅନେକ ମୂଲ୍ୟବାନ ସଂଯୋଗିକ ପ୍ରସଙ୍ଗମାନ ଉପସ୍ଥାପନ କରିଥିଲେ । ସେ ମନ୍ମଥନାଥଙ୍କୁ ଏକାଧାରରେ ଜଣେ ଶିକ୍ଷକ, ସାହିତ୍ୟିକ, ମାନବବାଦୀ ଐତିହାସିକ ବୋଲି ସମ୍ବୋଧନ କରିଥିଲେ । ବିଶ୍ୱ ଇତିହାସ ପୃଷ୍ଠାରେ ମନ୍ମଥନାଥଙ୍କ ଅବଦାନକୁ ସେ ଅତ୍ୟନ୍ତ ଗଭୀର ଓ ତତ୍‌ସଂପନ୍ନ ଭାବେ ବ୍ୟାଖ୍ୟା କରିଥିଲେ । ଉତ୍ତମ ସାହିତ୍ୟ ବିନା, ଉଚ୍ଚକୋଟୀର ଇତିହାସ ଲେଖା ଯାଇପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମନ୍ମଥନାଥଙ୍କୁ ରାଜ୍ୟ, ଦେଶ ତଥା ବିଶ୍ୱର ଜଣେ ଯୋଗଜନ୍ମା ପୁରୁଷ କହି ସମ୍ବୋଧନ କରିବା ସହ ସେ ଶୈକ୍ଷିକ ଜଗତର ଜଣେ ସୂର୍ଯ୍ୟୋଦୟ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ମନ୍ମଥନାଥ ଜଣେ ସ୍ୱାଭିମାନୀ ତଥା ନିର୍ଭୀକ ଆଦର୍ଶର ପ୍ରତିବିମ୍ବ ସଦୃଶ ବୋଲି ପ୍ରକାଶ କହିଥିଲେ । ଏହି କାର୍ଯ୍ୟକ୍ରମର ଦୁଇଟି ବିଷୟଭିତ୍ତିକ ଅଧିବେଶନରେ ଦାଶ ବେନହୁର, ଅଭିରାମ ବିଶ୍ୱାଳ, ରୁଦ୍ରାଣୀ ମହାନ୍ତି, ସହଦେବ ସାହୁ, ଅଶୋକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରହ୍ଲାଦ ସିଂହ ପ୍ରମୁଖ ଯୋଗ ଦେଇ ମନ୍ମଥନାଥଙ୍କ ସଂପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଉଦଘାଟନୀ ସଭାରେ ସାହିତ୍ୟ ଅକାଦେମି- କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ଉପସ୍ଥିତ ହୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଚାଳନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହିତ ବିଶ୍ୱବିଦ୍ୟାଳୟ ପରିସରରେ ସାହିତ୍ୟ ଅକାଦେମୀ ପକ୍ଷରୁ ପ୍ରକାଶିତ ଅନେକ ପୁସ୍ତକର ପ୍ରଦର୍ଶନ ସହ ବିକ୍ରୟର ମଧ୍ୟ ଆୟୋଜନ କରାଯାଇଥିଲା । ଦୁଇଟି ଅଧିବେଶନର ଶେଷରେ, ଭାଷା ଓ ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଜୟନ୍ତ କୁମାର ଦାସ ଓ ଡକ୍ଟର ପ୍ରହ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ ।